ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/WCD(OD)/1112/ Dt.24.01.2021

# ଜାତୀୟ ବାଳିକା ଦିବସରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଅଭିନବ ପଦକ୍ଷେପ

## ବାଳିକା ଏବଂ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଠନର ପ୍ରୟାସ

ଭୁବନେଶ୍ୱର,  ୨୪/୦୧/୨୦୨୧

ବାଳିକାମାନେ ହେଉଛନ୍ତି ସମାଜ ଓ ପରିବାରର ଅମୂଲ୍ୟ ରତ୍ନ । ସେମାନଙ୍କୁ ଏକ ସୁନ୍ଦର ନିରାପଦ ଜୀବନ ପ୍ରଦାନ କରିବା ଦିଗରେ ଓଡ଼ିଶା ସରକାର ଅନେକ କିଶୋରୀ ବାଳିକା ଅଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ବାଳିକା ସମୃଦ୍ଧି ପାଇଁ ବିବିଧ ପଦକ୍ଷେପ ନିଆଯାଇଛି । ତନ୍ମଧ୍ୟରୁ ବାଲ୍ୟବିବାହମୁକ୍ତ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ଏବଂ ସଂକଳ୍ପରେ ରାଜ୍ୟ ସରକାରଙ୍କ ଦ୍ୱାରା ନିରନ୍ତର ପ୍ରୟାସ ଜାରି ରହିଛି । ମହିଳା ଏବଂ ବାଳିକାମାନଙ୍କ ବିରୁଦ୍ଧରେ ହେଉଥିବା ବିଭିନ୍ନ ତାରତମ୍ୟ ଏବଂ ହିଂସାର ଦୃଢ଼ ମୁକାବିଲା ମାଧ୍ୟମରେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ସେମାନଙ୍କୁ ସାମାଜିକ ସ୍ତରରେ ପରିଚୟ ଏବଂ ପ୍ରତିଷ୍ଠା ପ୍ରଦାନ କରିବା ଦିଗରେ ଜାନୁଆରୀ ୨୪ ତାରିଖ ଜାତୀୟ ବାଳିକା ଦିବସ ଅବସରରେ ବିଭାଗ ଦ୍ୱାରା ଏକ ଯୋଗାଯୋଗ ପ୍ୟାକେଜ୍ ଲୋକାର୍ପିତ ହୋଇଛି ।

ଜାତିସଂଘ ପପୁଲେସନ୍ ଫଣ୍ଡର ସହଯୋଗରେ ବିକାଶ କରାଯାଇଥିବା ଏହି ପ୍ୟାକେଜ ଲିଙ୍ଗଗତ ତାରତମ୍ୟ ଓ ହିଂସା ପ୍ରତିରୋଧ ଦିଗରେ ସଚେତନତା ସୃଷ୍ଟି ଏବଂ ମହିଳାଙ୍କ ଅଧିକାରକୁ ନେଇ ସମାଜର ମାନସିକତା ପରିବର୍ତ୍ତନ ଏକ ସମୟୋପଯୋଗୀ ପ୍ରୟାସ । ବିଭାଗ ଦ୍ୱାରା କନ୍ୟାସନ୍ତାନ, ବାଳିକା ଏବଂ ମହିଳାମାନଙ୍କ ସମନ୍ୱିତ ବିକାଶର ପ୍ରଚାରପ୍ରସାର ପ୍ରବକ୍ତା 'ଟିକି ମାଉସୀ'ଙ୍କୁ ସଂପୃକ୍ତ କରି ଏହି ପ୍ୟାକେଜ ଅଧୀନରେ କିଛି ଆନିମେସନ ଭିଡ଼ିଓ ଏବଂ ପ୍ରଚାରପତ୍ର ପ୍ରସ୍ତୁତ କରାଯାଇଛି । ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷେତ୍ର ଅଧିକାରୀମାନଙ୍କ ଜରିଆରେ ସଚତେନତା ସୃଷ୍ଟି ନିମନ୍ତେ ଏହି ସବୁ ପ୍ରଚାର ସାମଗ୍ରୀର ବହୁଳ ବ୍ୟବହାର କରାଯିବ । ଏହା ମଧ୍ୟ ବିଭାଗୀୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ବିଭାଗର ଟ୍ୱିଟର ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାରପ୍ରସାର କରାଯିବ ।

ଜାତୀୟ ବାଳିକା ଦିବସ ଅବସରରେ ଏହି ସବୁ ପ୍ରଚାର ସାମଗ୍ରୀ ଲୋକାର୍ପଣ ପରିପ୍ରେକ୍ଷୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ପରିବାର, ଗୋଷ୍ଠୀ କର୍ମକ୍ଷେତ୍ର ପ୍ରତ୍ୟେକ ସ୍ତରରେ ବାଳିକା ଏବଂ ମହିଳାମାନଙ୍କୁ ନେଇ ଏକ ସକାରାତ୍ମକ ମାନସିକତା ସୃଷ୍ଟି ନହୋଇଛି, ସେପର୍ଯ୍ୟନ୍ତ ଆମ ସମାଜରେ ପ୍ରଚଳିତ ଲିଙ୍ଗଭିତ୍ତିକ ପାରମ୍ପରିକ ଚିନ୍ତାଧାରା ବଦଳାଇବା ଦିଗରେ କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ । ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କ ମୌଳିକ ସାମାଜିକ ଅଧିକାରକୁ ସୁନିଶ୍ଚିତ ଏବଂ ସୁରକ୍ଷିତ ରଖିବା ଦିଗରେ ବିଭାଗର ଏହା ମହତ୍ତ୍ୱାକାଂକ୍ଷୀ ପ୍ରୟାସ ।

ଯୋଗାଯୋଗ ପ୍ୟାକେଜ୍‌ରେ ଝିଅ ପରିବର୍ତ୍ତେ ପୁଅଟିଏ ପାଇଁ ପରିବାରର ଇଚ୍ଛା, ଲିଙ୍ଗଗତ ତାରତମ୍ୟ, ବାଲ୍ୟବିବାହ, ଯୌତୁକ ପ୍ରଥା, ଘରୋଇ ହିଂସା ଏବଂ କର୍ମସ୍ଥଳୀରେ ଯୌନ ନିର୍ଯାତନା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ବିରୁଦ୍ଧରେ ଜନସଚେତନତା ସୃଷ୍ଟି ଏବଂ ଏଥିପାଇଁ ଆଇନରେ ଥିବା ବ୍ୟବସ୍ଥା ଆଦି ପ୍ରସଙ୍ଗଗୁଡ଼ିକ ସଂପର୍କିତ ତଥ୍ୟ ଓ ସୂଚନା ପ୍ରଦର୍ଶିତ ହୋଇଛି । ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ବିଭାଗ ଅଧୀନରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ବିଶାଳ ଯୋଗାଯୋଗ ମାଧ୍ୟମକୁ ଉପଯୋଗ କରି ଓଡ଼ିଶାର ପ୍ରତ୍ୟେକ ଗାଁ, ସହର ତଥା ପ୍ରତି ପରିବାର ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ଦିଗରେ ବିଭାଗ ଉଦ୍ୟମ ଜାରି ରଖିଛି । ଏହି ପ୍ରଚାର ସାମଗ୍ରୀ ଅନ୍ୟ ସଂପୃକ୍ତ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧ୍ୟ ପ୍ରଚାର ପାଇଁ ଉପଯୋଗ କରିପାରିବେ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ କୁହାଯାଇଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ